## ସୁନାଗହଣା , ଟଙ୍କା ଠକେଇ

ବ୍ରହ୍ମପୁର, ୧୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବୃଦ୍ଧଙ୍କ ଠାରୁ ପୁରୁଣା ସୁନା ଗହଣା ଓ ଟଙ୍କା ଠକେଇ ହୋଇଛି। ଠକେଇର ଶିକାର ହୋଇଥିବା ପ୍ରମୋଦ ପଣ୍ଡା(୭୩) ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୩୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ସ୍ୱର୍ଣ୍ଣମୟୀ ନଗରରେ ରହୁଥିବା ପ୍ରମୋଦ ଜଣେ ଅବସର ପ୍ରାପ୍ତ ପ୍ରଫେସର। ସହରରେ ଥିବା ଏକ ପ୍ରତିଷ୍ଠିତ ଗହଣା ଦୋକାନରେ ସୁନା ଗହଣା କାରିଗର ଭାବେ କାମ କରୁଥିବା ରବି କୁମାର ଆଚାରୀ ପୂର୍ବରୁ ତାଙ୍କର କେତେକ ଗହଣା ତିଆରି କରିଥିଲେ। ବୃଦ୍ଧଙ୍କ ସହ କାରିଗର ଜଣଙ୍କ ସୁସମ୍ପର୍କ ରଖି ତାଙ୍କ ଠାରୁ ସେ ୫୧ ଗ୍ରାମର ପୁରୁଣା ସୁନା ଓ ଏକ ଲକ୍ଷ ଆଠ ହଜାର ଟଙ୍କା ନେଇଥିଲେ। ୨୪କ୍ୟାରେଟ ସୁନା ଗହଣା ପ୍ରସ୍ତୁତ କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗହଣା ନ ପାଇବାରୁ କାରିଗରଙ୍କ ବ୍ରହ୍ମାନଗର ଘରକୁ ଯାଇ ବୃଦ୍ଧ ନିରାଶ ହୋଇଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ସୁନାଗହଣା ନ ପାଇବାରୁ ପ୍ରମୋଦ ଥାନାରେ ଲିଖିତ ଏତଲା ଦେଇଛନ୍ତି।

## ବୋମାମାଡ଼ ଘଟଣା, ଆଉ ଜଣେ ଗିରଫ

ଦିଗପହଣ୍ଡି,୧୫।୧୧(ଅଶେଷ ନାଥ ମିଶ୍ର): ସାନଖେମୁଣ୍ଡି ଓ ଦିଗପହଣ୍ଡି ଅଞ୍ଚଳରେ ଗତ କିଛିଦିନ ହେଲା ବୋମାମାଡ଼ କରି ଆତଙ୍କ ଚଳାଇଥିବା ଅପରାଧୀ ଗ୍ୟାଙ୍ଗର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦିଗପହଣ୍ଡି ଅଞ୍ଚଳ କଲୋନୀରେ ରହୁଥିବା ମୌଳାଭଞ୍ଜା ଗ୍ରାମର ସୁନୀଲ ସେଠୀ। ସେ ହାତବୋମା ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ ଅପରାଧୀ ଗୋଷ୍ଠୀଙ୍କୁ ନିୟମିତ ବ୍ୟବଧାନରେ ଯୋଗାଇ ଦେଉଥିଲେ ବୋଲି ଥାନା ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା କହିଛନ୍ତି। ଥାନା ମାମଲା ନଂ.୪୨୦/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ସନ୍ଧ୍ୟାରେ କୁଶପଡ଼ା ଗ୍ରାମର ଗାଡ଼ିଚାଳକ ଶତ୍ରୁଘ୍ନ ବିଷୋୟୀଙ୍କୁ ଲକ୍ଷ୍ୟକରି କେତେଜଣ ଦୁର୍ବୃତ୍ତ ପୃଥକ ଦୁଇଟି ସ୍ଥାନରେ ବୋମାମାଡ଼ କରିଥିଲେ। ସେ କୌଶଳକ୍ରମେ ଖସିଯିବାରୁ ବର୍ତ୍ତି ଯାଇଥିଲେ।

## ଗାଡ଼ି ସହ ସାଇଜ ଶାଳକାଠ ଜବତ

ଭଞ୍ଜନଗର, ୧୫।୧୧ (ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ କର୍ମଚାରୀ ଚୋରାରେ କାଠ ଚାଲାଣ କରୁଥିବା ଏକ କାଠ ଗାଡ଼ିକୁ ଜବତ କରିଛନ୍ତି। ଗାଡିରୁ ଲକ୍ଷାଧିକ ଟଙ୍କାର ସାଇଜ୍ ଶାଳ କାଠ ଜବତ କରାଯାଇଛି । ଗାଡ଼ିର ଚାଳକ ଅନ୍ଧାର ରାତିର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି। ବୁଧବାର ରାତି ପ୍ରାୟ ୨ଟାରେ ଗଞ୍ଜାମ-କନ୍ଧମାଳ ସୀମା ଦମୁହାଣୀ ଜଙ୍ଗଲରୁ ପିକ ଅପ ଭ୍ୟାନ ଗାଡିରେ କାଠ ଭର୍ତ୍ତି ହୋଇ ଭଞ୍ଜନଗର ଅଭିମୁଖେ ଆସୁଥିଲା। ଡିଏଫଓ ହିମାଂଶୁ ଶେଖର ମହାନ୍ତି ଏହା ଜାଣିବା ପରେ ଗାଡ଼ିଟିକୁ ଧରିବା ପାଇଁ ହେଡକ୍ୱାଟର ରେଞ୍ଜର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମୁଜାଗଡ଼ ରେଞ୍ଜର ସାହୁ, ପୃଥ୍ୱୀ ରାଜ ପ୍ରଧାନ,ବନପାଳ ଅନୁପ ବିଷୋୟୀ, ଜିବାନନ୍ଦ ତ୍ରିପାଠୀ , ସଞ୍ଜୟ ସାଇଁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସ୍ଥାନୀୟ ବାଗଦେବୀ ରୋଡରେ ଗାଡିଟିକୁ ସନ୍ଦେହରେ ଅଟକାଇଥିଲେ। କିନ୍ତୁ ଚାଳକ ଏନେଇ ଜାଣି ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ।

## ସ୍ୱର ପକ୍ଷରୁ ଆଲୋଚନାଚକ୍ର

ବାଲିପଦର,୧୫।୧୧(ବିଶିକେଶନ ସ୍ୱାଇଁ) କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ପକ୍ଷରୁ ବାଲିପଦର ଚଷାସାହି ଭାଗବତ ସ୍ୱାମୀ ଉନ୍ନୟନ ପରିଷଦ ସଭା ମଣ୍ଡପରେ ସମାଜିକ କର୍ମୀ ଖଲି ପରିଡ଼ାଙ୍କ ପୌରୋହିତ୍ୟରେ ଏକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବାଲିପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଇଂ. ନୀଳାଚଳ ପାତ୍ର, ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ଗୌଡ଼, ସମାଜିକ କର୍ମୀ କୈଳାସ ଚନ୍ଦ୍ର ପ୍ରଧାନ, ବୈଶ୍ୟକୁଳ ସମାଜ କାର୍ଯ୍ୟକାରୀ ସଦସ୍ୟ କେ. ରାଘବ ପାତ୍ର ପ୍ରମୁଖ ଯୋଗଦେଇ ପ୍ରାଚୀନ ଘୁମୁସର ଜଳିଗଡ ରାଜା କୃଷ୍ଣଭଞ୍ଜଙ୍କ ରାଜତ୍ୱ କାଳ ଉପରେ ଆଲୋଚନା କରିଥିଲେ। ସୁଶାନ୍ତ ବିଷୋୟୀ ଧନ୍ୟବାଦ ଦେଇଥିଲେ।

# ନୌବାଣିଜ୍ୟ ପରମ୍ପରାକୁ ମନେପକାଇଲେ

ଗୋପାଳପୁର,୧୫।୧୧(ନବୀନ ରାଜ ଆଚାରୀ)

### ଗୋପାଳପୁରରେ ବୋଇତ ବନ୍ଦାଣ ମହୋତ୍ସବ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଗୋପାଳପୁର ମତ୍ସ୍ୟ ଅବତରଣ କେନ୍ଦ୍ର ନିକଟରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ବୋଇତ ବନ୍ଦାଣ ମହୋତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବାଣିଜ୍ୟ, ପରିବହନ ଓ ଇସ୍ପାତ ଖଣି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା ଯୋଗ ଦେଇ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥିଲେ। ଗୋପାଳପୁର ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାଧବ ପୁଅ ଓ ବୋହୂ ବେଶରେ ସଜ୍ଜିତ ହୋଇଥିଲେ। ସାଧବ ବୋହୂମାନେ ସାଧବ ପୁଅମାନଙ୍କୁ ବନ୍ଦାପନା ପରେ ନୌକା ବିହାର ହୋଇଥିଲା। ଅନ୍ୟ ଏକ ଡଙ୍ଗାରେ ଅତିଥିମାନେ ନୌକା ବିହାର କରିଥିଲେ। ପରେ ଅନୁଷ୍ଠିତ ସଭାରେ ଯୁବପିଢ଼ିଙ୍କ ପୁରୁଣା ଐତିହ୍ୟ ଓ ପରମ୍ପରାକୁ ମନେ ପକାଇବା ପାଇଁ ନୌବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ବିକାଶ ପାଇଁ ଜିଲା ପ୍ରଶାସନର ପ୍ରୟାସକୁ ମନ୍ତ୍ରୀ ଜେନା ପ୍ରଶଂସା କରିଥିଲେ। ରାଜ୍ୟର ଓ ମାଟିର ବିକାଶ ପାଇଁ ଜଳପଥକୁ କିପରି ବାଣିଜ୍ୟ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା ସେହି ପରମ୍ପରା ଉପରେ ଆଲୋକପାତ କରିଥିଲେ। ଆସନ୍ତା ବର୍ଷ ଜାକଜମକରେ ଏହି ସମାରୋହ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଅଳ୍ପ ଦିନ ମଧ୍ୟରେ ଗୋପାଳପୁରରେ ମୁହାଣ ସହ ମତ୍ସ୍ୟ ଅବତରଣ କେନ୍ଦ୍ର ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନିଳମଣି ବିଷୋୟୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ କୁମାର ନାୟକ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ. ଜାନକୀ ରାମ,ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ. ପି ସର୍ବଣା ବିବେକ ଏମ,ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତଗିର ପ୍ରମୁଖ ଉପସ୍ଥିତଥିଲେ। ସ୍ମରଣିକା ତଅପୋଇ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଓ ପିଠା ପଣା ପ୍ରତିଯୋଗିତା ହୋଇଥିଲା। କଳିଙ୍ଗର ନୌବାଣିଜ୍ୟ ପରମ୍ପରାରେ ଗଞ୍ଜାମର ଅବଦାନ ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଦିଗପହଣ୍ଡିର ଚିନ୍ମୟାନନ୍ଦ ମହାରାଜ, କଂଚୁଡୁର ହରିହର ମହାରାଜ ଯୋଗ ଦେଇ ସମୁଦ୍ର ଆଳତୀ କରିଥିଲେ। ବାଲୁକା ଶିଳ୍ପୀ ମହେଶ୍ୱର ସାହୁଙ୍କ ସେଣ୍ଡ ଆର୍ଟ ଲୋକଙ୍କ ମନ ମୋହିଥିଲା। ୬ ପ୍ଲାଟୁନ ଫୋର୍ସ ଶୃଙ୍ଖଳା ପାଇଁ ଜଗିଥିଲେ।

## ରୋଟାରି ଇଷ୍ଟ ପକ୍ଷରୁ ଶିଶୁ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୫।୧୧(ସ୍ୱାଧୀନ ଶେଖର ପାଢ଼ୀ )

ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ତରଫରୁ ସିଟି ହାଇସ୍କୁଲରେ ଶିଶୁ ଦିବସ ପାଳିତ ହୋଇଛି। ଶିଶୁ ଦିବସ ପାଇଁ ହାଇସ୍କୁଲରେ କ୍ଲବ ତରଫରୁ ପୂର୍ବରୁ ପରିଚାଳିତ ଚିତ୍ରାଙ୍କନ ଭାଷଣ,ପ୍ରବନ୍ଧ,କଣ୍ଠସଂଗୀତ ଓ କୁଇଜ ପ୍ରତିଯୋଗିତାର କୃତି ଛାତ୍ରଙ୍କୁ ପୁରସ୍କୃତ କରାଯଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପନ୍ନଗ ଭୂଷଣ ମାଝି ପୌରୋହିତ୍ୟ କରିଥିଲେ। କ୍ଲବ ତରଫରୁ ସଭାପତି ଜୟନ୍ତ କିଶୋର ପାତ୍ର, ସଂପାଦକ ଦୁର୍ଗା ରାଓ, ପୂର୍ବତନ ସଭାପତି, ଗଦାଧର ରାଉଳ, କୁଶ ପାତ୍ର, ଅଜିତ କୁମାର ପୃଷ୍ଟି ଓ ସନ୍ତୋଷ କୁମାର ତ୍ରିପାଠୀ ସହଯୋଗ କରିଥିଲେ। ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରି ସୁଜାତା ମହାରଣା, ଭି.ଜୟଲକ୍ଷ୍ମୀ, ଅଶୋକ କୁମାର ପଟ୍ଟନାୟକ, ରାଜଲକ୍ଷ୍ମୀ ସାହୁ, ରଶ୍ମିତା ରାଣୀ ସାହୁ,ଚିତ୍ରା ପଟ୍ଟନାୟକ ସହଯୋଗ କରିଥିଲେ।

## ଚଞ୍ଚକତା କରି ମହିଳାଙ୍କ ୨୨ ଲକ୍ଷ ଚଳୁ

ବ୍ରହ୍ମପୁର, ୧୫।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଯୁବକ ଚଞ୍ଚକତା କରି ମହିଳାଙ୍କ ଠାରୁ ୨୨ ଲକ୍ଷ ଟଙ୍କା ଚଳୁ କରିଦେଇଛନ୍ତି। ମହିଳା ଜଣଙ୍କ ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୯୬/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଉକ୍ତ ଥାନା ଗୌତମ ନଗରର ଜଣେ ମହିଳାଙ୍କୁ ଭୁବନେଶ୍ୱର ଆମ୍ରି ହସ୍ପିଟାଲ ନିକଟ ଜନନୀ ବିହାରରେ ରହୁଥିବା ଜଣେ ଯୁବକ ସାକ୍ଷାତ କରିଥିଲେ। ତାଙ୍କୁ ଟଙ୍କା ଦେଲେ ସେ ବିଭିନ୍ନ କମ୍ପାନୀରେ ତାହାକୁ ଜମା କରି ୨୦୦ ଦିନରେ ମୂଳ ଟଙ୍କାର ୨ ଗୁଣ କରି ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ମହିଳା ଜଣଙ୍କ ୬/୭ ପର୍ଯ୍ୟାୟରେ ଉକ୍ତ ଯୁବକଙ୍କୁ ୨୨ ଲକ୍ଷ ଟଙ୍କା ଦେଇଥିଲେ। ନିର୍ଦ୍ଧାରିତ ସମୟ ପରେ ବି ଯୁବକ ଜଣକ ମହିଳାଙ୍କୁ ଟଙ୍କା ଫେରସ୍ତ କରି ନ ଥିଲେ। ଯେଉଁସବୁ କମ୍ପାନୀରେ ଟଙ୍କା ଜମା କରାଯାଇଥିଲା ସେ ସବୁ କମ୍ପାନୀ ବନ୍ଦ ହୋଇଯାଇଛି ବୋଲି କହିଥିଲେ। ଯଦି ଟଙ୍କା ମାଗିବ ତେବେ ତୁମକୁ ଓ ତୁମ ପରିବାରକୁ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲେ। ଗୋଟିଏ ପଟେ ମହିଳା ଜଣଙ୍କ ଠକେଇର ଶିକାର ହୋଇଥିବା ବେଳେ ତାଙ୍କ ପରିବାର ଜୀବନ ପ୍ରତି ବିପଦ ରହିଥିବାରୁ ସେ ନ୍ୟାୟ ଆଶାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ଟ୍ରାକିଂ କରୁଥିବା ବେଳେ ତାଙ୍କର ଗତିବିଧି ଉପରେ ନଜର ରଖିଛି।

# ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ



ଅତିଥିମାନେ ମେଳାକୁ ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୧୫।୧୧(ଅଶୋକ କୁମାର ସାହୁ): ସ୍ଥାନୀୟ ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ପ୍ରଥମ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟମେଳା-୨୦୨୪ ଶୁକ୍ରବାର ଉଦଘାଟିତ ହୋଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ମହାନ ସଂଘ ସଭାପତି ସୁଶାନ୍ତ ସାବତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଭଳି ଏକ ଅନ୍ତର୍ଜାତୀୟ ମେଳା ଆୟୋଜିତ ହୋଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଓ ପାୟଲ ଆଚାର୍ଯ୍ୟ ଗୁପ୍ତା ଯୋଗଦେଇ କହିଥିଲେ ଯେ, ଏହି ମେଳାରେ ରିଏଲ ଇଷ୍ଟେଟ, ଷ୍ଟାର୍ଟ ଅପ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର ଆଦି ରହିଛି। ଆଫଗାନିସ୍ତାନର ଶୁଖିଲା ଫଳ, ପାକିସ୍ତାନୀ ଡ୍ରେସ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, ତୁର୍କୀ ମିଠା, କାଶ୍ମୀରୀ ଫର୍ଣ୍ଣିଚର, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ ଓ ବାଂଲାଦେଶୀ ହ୍ୟାଣ୍ଡଲୁମ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ମେଳାରେ ରହିଛି ବୋଲି କହିଥିଲେ। ଏହା ୧୧ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରୁ ଗ୍ରାହକମାନେ ଲାଭ ଉଠାଇପାରିବେ ବୋଲି ଗୁପ୍ତା କହିଥିଲେ।

## ଗ୍ରାମ ପରିକ୍ରମା କଲେ ଛାତ୍ରୀଛାତ୍ର

ବୁଗୁଡା,୧୪।୧୧(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ତାକରଡା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଚାଚା ନେହେରୁଙ୍କ ଜୀବନୀ ଓ ଶିଶୁ ଦିବସ ପାଳନର ଯଥାର୍ଥତା ସଂପର୍କରେ ଆଲୋକପାତ କରିଥିଲେ ଓ ଛାତ୍ରୀଛାତ୍ରମାନେ ମଧ୍ୟ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଦଣ୍ଡପାଣି ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ବୁଗୁଡା ନ୍ୟୁ ଏରା ପବ୍ଲିକ ସ୍କୁଲରେ ମଧ୍ୟ ଶିଶୁ ଦିବସ ପାଳିତ ହୋଇଥିଲା।

## ଟିପିଏସ୍‌ଓଡିଏଲ୍ କର୍ପୋରେଟ କାର୍ଯ୍ୟାଳୟରେ ସୋଲାର ପ୍ଲାଣ୍ଟ କାର୍ଯ୍ୟକ୍ଷମ


କାର୍ଯ୍ୟକ୍ରମରେ ଟିପିଏସଓଡିଏଲ ଅଧିକାରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୧୫।୧୧(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ ପରିବେଶ ଅନୁକୂଳ ଜୀବନ ଶୈଳୀ ଓ ସବୁଜ ଶକ୍ତିକୁ ପ୍ରୋତ୍ସାହିତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ବ୍ରହ୍ମପୁର କର୍ପୋରେଟ କାର୍ଯ୍ୟାଳୟରେ ୧୦୦ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ବର୍ତ୍ତମାନ ପ୍ଲାଣ୍ଟର ୪୮.୯ କିଲୋୱାଟ କାର୍ଯ୍ୟକ୍ଷମ ହୋଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ସୋଲାର ପ୍ଲାଣ୍ଟର ଶୁଭାରମ୍ଭ କରିବା ସହ ନିରନ୍ତର ବିକାଶର ସଂସ୍କୃତିକୁ ବଜାୟ ରଖିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲେ। କଂପାନୀର କାର୍ଯ୍ୟକ୍ଷମ ୪୮.୯ କିଲୋୱାଟ ପ୍ଲାଣ୍ଟ ମାସିକ ପ୍ରାୟ ୭୫୦୦ ୟୁନିଟ ବିଦ୍ୟୁତ ପ୍ରୋତ୍ସାହନ କରିବ। ଏହି ପଦକ୍ଷେପ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ। ୧୦୦ କିଲୋୱାଟର ସୋଲାର ପ୍ଲାଣ୍ଟ କାର୍ଯ୍ୟକ୍ଷମ ପରେ ମାସିକ ପ୍ରାୟ ୧୫ ହଜାର ୟୁନିଟ ବିଦ୍ୟୁତ ଉତ୍ପାଦନ କରିବ। ଏହି ପ୍ଲାଣ୍ଟ ଦ୍ୱାରା କର୍ପୋରେଟ କାର୍ଯ୍ୟାଳୟର ଚାହିଦା ପୂରଣ ହେବା ସହ ବଳକା ବିଜୁଳି ମଧ୍ୟ ପ୍ରୋତ୍ସାହନ ହେବ। ଆଗାମୀ ୨୫ବର୍ଷ ମଧ୍ୟରେ ଏହା ଦ୍ୱାରା ପ୍ରାୟ ୨୮୦୦ ଟନ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକାଯାଇପାରିବ। ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, କାର୍ବନ ଫୁଟ ପ୍ରିଣ୍ଟକୁ ହ୍ରାସ କରିବା ଓ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସରେ ଏହି ସୋଲାର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସୌର ଶକ୍ତି ଗ୍ରହଣ କରି କମ୍ପାନୀର ଅପରେସନାଲ ଖର୍ଚ୍ଚ ହ୍ରାସ କରିବା ସହିତ ଦକ୍ଷିଣ ଓଡିଶାରେ ସ୍ଥାୟୀ ବିକାଶ ପାଇଁ ବାଟ ଦେଖାଇଛି ବୋଲି ସେ କହିଛନ୍ତି।

# ଦେଶର ଶ୍ରେଷ୍ଠ ଥାନା ତାଲିକାରେ ଗଞ୍ଜାମର ପାଟପୁର

ଦିଗପହଣ୍ଡି/ପାଟପୁର,୧୫।୧୧(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସମଗ୍ର ଦେଶର ଶ୍ରେଷ୍ଠ ଥାନା ଭାବେ ୨୦୨୪ ଆର୍ଥିକ ବର୍ଷ ତାଲିକାରେ ଗଞ୍ଜାମ ଜିଲା ପାଟପୁର ଥାନା ସ୍ଥାନ ପାଇଛି। ଆସନ୍ତା ୨୯ରୁ ଡିସେମ୍ବର ୧ ଯାଏ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ଡିଜିପି ସମ୍ମିଳନୀରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପାଟପୁର ଥାନାକୁ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ କରାଯିବ। ସେପ୍ଟେମ୍ବର ୨୮ରେ ଗୃହ ମନ୍ତ୍ରଣାଳୟର ସତନ୍ତ୍ର ଟିମ୍ ପାଟପୁର ଏବଂ ଧରାକୋଟ ଥାନା ପରିଦର୍ଶନ କରି ଜନସାଧାରଣଙ୍କ ମତାମତ ନେଇ ରିପୋର୍ଟ ସଂଗ୍ରହ କରି ଫେରିଥିଲା। ଥାନା ଅଧିକାରୀ ମାନଙ୍କ କର୍ତ୍ତବ୍ୟନିଷ୍ଠା,ସ୍ୱଚ୍ଛତା, ସେବା ମନୋଭାବ, ନିର୍ଦ୍ଧାରିତ ସମୟରେ କୋର୍ଟରେ ବିଭିନ୍ନ ମାମଲାର ଚାର୍ଜସିଟ ଦାଖଲ, ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର, ଆଇନଶୃଙ୍ଖଳା ରକ୍ଷା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ପୋଲିସର ସହଭାଗିତା ସମ୍ପର୍କରେ ଅନୁଧ୍ୟାନ କରି ଟିମ୍ ଫେରିଥିଲା। ଏସବୁକୁ ସାମଗ୍ରିକ ଭାବେ ସମୀକ୍ଷା କରିବା ପରେ ପାଟପୁର ଥାନାକୁ ଶ୍ରେଷ୍ଠ ଥାନାର ମାନ୍ୟତା ମିଳିଛି। ସୂଚନାଯୋଗ୍ୟ, ୧୯୧୧ରେ ସ୍ଥାପିତ ପାଟପୁର ଥାନାକୁ ଏକ ଆଦର୍ଶ ଥାନାରେ ପରିଣତ କରିବା ସକାଶେ ପୂର୍ବରୁ ଥାନା ଅଧିକାରୀ ଅଜୟ ବାରିକ, ରମେଶ ଚନ୍ଦ୍ର ପ୍ରଧାନ, ସବ୍ୟସାଚୀ ମଲ୍ଲ, ନିକଟରେ ଅବସର ନେଇଥିବା ଅଜୟ ସ୍ୱାଇଁ ନିଜର କର୍ତ୍ତବ୍ୟ ନିଷ୍ଠା ପାଇଁ ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ପୁରସ୍କୃତ ହୋଇଥିଲେ।

## ଦୁର୍ଘଟଣାରେ ଛାତ୍ର ମୃତ

ବ୍ରହ୍ମପୁର, ୧୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ) :

ସ୍ଥାନୀୟ ଏସପି ଅଫିସ ସମ୍ମୁଖ ରାସ୍ତାରେ ଶୁକ୍ରବାର ବାଇକ ସହ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡିର ଯୁକ୍ତ ୩ ଛାତ୍ର ପଦ୍ମନ ସାବତ(୨୦)। ଦୁର୍ଘଟଣାରେ ଜଣେ ଯୁବକ ଓ ଜଣେ ଗୃହରକ୍ଷୀ ମଧ୍ୟ ଆହତ ହୋଇଛନ୍ତି। ଆହତ ଗୃହରକ୍ଷୀ ହେଉଛନ୍ତି ସାନ୍ତନୁ ପାଢ଼ୀ । ପୋଲିସ ନଂ. ୪୯୧/୨୪ ରେ ଏକ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି। ସକାଳେ ପଦ୍ମନ ନିଜ ବାଇକ ବଜାଜ ପଲସର ନଂ (ଓ ୦୭ ଏ ଡବ୍ଲ୍ୟୁ ୬୪୯୭ ) ରେ ତାଙ୍କର ଜଣେ ସାଙ୍ଗ ସହ ବୋଇତ ବନ୍ଦାଣ ଉତ୍ସବ ଦେଖିବା ପାଇଁ ଗୋପାଳପୁର ବାହାରିଥିଲେ। ବ୍ରହ୍ମପୁର ଏସପି ସମ୍ମୁଖ ରାସ୍ତା ଦେଇ ସେ ଯାଉଥିବା ବେଳେ ବିପରୀତ ରାସ୍ତା ପଟୁ ଆସି ରାସ୍ତା ପାର ହୋଇ ବ୍ରହ୍ମପୁର ଏସପି ଅଫିସକୁ ଯାଉଥିବା ଉକ୍ତ ଗୃହରକ୍ଷୀଙ୍କ ବାଇକ ନଂ (ଓଆର – ୦୭ କ୍ୟୁ ୧୯୭୮) ସହ ପଲସର ବାଇକର ଧକ୍କା ହୋଇଥିଲା। ଯାହାଫଳରେ ପଲସର ବାଇକରେ ବସିଥିବା ପଦ୍ମନ ଗାଡିରୁ ଛିଟିକି ରାସ୍ତା ଉପରେ ପଡ଼ିଥିଲେ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଏମକେସିଜି ମେଡିକାଲ ପଠାଯାଇଥିଲା। ଡାକ୍ତର ସେଠାରେ ପଦ୍ମନଙ୍କ ମୃତ୍ୟୁ ଘୋଷଣା କରିଥିଲେ।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ



ଚିକିଟି,୧୫।୧୧(ପ୍ରକାଶ ଚନ୍ଦ୍ର ସାହୁ): ଖେମୁଣ୍ଡି ହଳଦିଆ ତୈଳିକ ବୈଶ୍ୟ ସମାଜ ଆନୁକୁଲ୍ୟରେ ଚିକିଟି ବ୍ଲକ ଚାନ୍ଦପୁର ଗ୍ରାମସ୍ଥିତ ଗ୍ରାମ୍ୟ ପରିଷଦ କୋଠା ଘରେ ଶୁକ୍ରବାର ବୋଇତ ବନ୍ଦାଣ ଓ ଶୀତ ବସ୍ତ୍ର ବଣ୍ଟନ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କୁନି କୁନି ପିଲାମାନେ ପାରମ୍ପରିକ ସାଧବ ପୁଅ ବୋହୂ ବେଶ ହୋଇ ବାହୁଦା ନଦୀ କୂଳରେ ପହଞ୍ଚି ଥିଲେ। ସେଠାରେ ପୁରୋହିତଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ପରେ ବୋଇତକୁ ବନ୍ଦାପନା କରାଯାଇ ଭସାଯାଇଥିଲା। ପରେ ଚାନ୍ଦପୁର ଗ୍ରାମ୍ୟ ପରିଷଦ କୋଠ ଘରେ ଏକ ବୈଠକରେ ଉତ୍କଳର ପରମ୍ପରାକୁ ମନେ ପକାଯାଇଥିଲା। ଏହି ଅବସରରେ ଜାତିର ବୃଦ୍ଧା ବୃଦ୍ଧମାନଙ୍କୁ ଶୀତ ବସ୍ତ୍ର କମ୍ବଳ ବଣ୍ଟାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ପରିଷଦ ସଭାପତି ଦଣ୍ଡାସି ସାହୁ, ମୁଖ୍ୟ ନିର୍ବାଚନ ଅଧିକାରୀ ଧରମା ସାହୁ, ଉପଦେଷ୍ଟା ଯୋଗୀ ସାହୁ, ଉପସଭାପତି ପ୍ରଶାନ୍ତ କୁମାର ସାହୁ (ଚିକିଟିପେଣ୍ଠ), ଅଭିମନ୍ୟୁ ସାହୁ (ଦେଉଳିଆପଡା), ସୁରେନ୍ଦ୍ର ସାହୁ , ସଂଗଠନ ସମ୍ପାଦକ ନୀଳମଣି ସାହୁ, କୋଷାଧ୍ୟକ୍ଷ ଜିତେନ୍ଦ୍ର ସାହୁ,ଅଫିସ ସମ୍ପାଦକ ଲକ୍ଷଣ କୁମାର ସାହୁ, ସାନଖେମୁଣ୍ଡି ଆଞ୍ଚଳିକ ସଭାପତି ଗୋପାଳ ସାହୁ, ବଡ଼ଖେମୁଣ୍ଡି ଆଞ୍ଚଳିକ ସଭାପତି ବିପ୍ର ସାହୁ, ପାଣ୍ଡିରି ଆଞ୍ଚଳିକ ଉପଦେଷ୍ଟା ଦେବେନ୍ଦ୍ର ସାହୁ, ଚିକିଟି ଗ୍ରାମ୍ୟପରିଷଦ ସଭାପତି ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

## ବଡ଼ମହୁରି କୋଠିଓଷା ଯାତ୍ରା ଶୁଭାରମ୍ଭ

କବିସୂର୍ଯ୍ୟନଗର,୧୫।୧୧ ( କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ବଡ଼ମହୁରିରେ ଗ୍ରାମବାସୀଙ୍କ ପକ୍ଷରୁ ଓଷାକୋଠି ପର୍ବ ଆରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଷାକୋଠି ପର୍ବର ଶୁଭାରମ୍ଭ କରି ମା'ଙ୍କ ଘର ପରିଦର୍ଶନ କରିଥିଲେ । ତାଙ୍କ ସହ କବିସୂର୍ଯ୍ୟନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ, ଭାଜପା ଯୁବନେତା ସୀତାରାମ ପାଣିଗ୍ରାହୀ, ପୁରୁଷୋତ୍ତମପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପର୍ବରେ ଗଞ୍ଜାମ ଜିଲାର ପ୍ରସିଦ୍ଧ ଗାହଣ ମାନେ ଯୋଗଦେଇଥିଲେ।

## ଓସିଏସ୍ ପରୀକ୍ଷାରେ ସଫଳ ମାନସଙ୍କୁ ସମ୍ବର୍ଦ୍ଧନା

ରମ୍ଭା,୧୫।୧୧(ବନବାସୀ ସେଠୀ) ରମ୍ଭା ନିକଟସ୍ଥ ଡିଆଁଡେଇଁ ବାମଦେବ ହାଇସ୍କୁଲରେ ଶିଶୁ ଦିବସ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ନାହାକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ ନାହାକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଓଡିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ମାନସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ନେହୁରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ଅମିତା କୁମାରୀ ଡାକୁଆ ଅତିଥି ପରିଚୟ ଦେଇଥିଲେ। ପ୍ରଧାନଶିକ୍ଷକ ଧନ୍ୟବାଦ ଦେଇଥିଲେ। ସମ୍ବର୍ଦ୍ଧିତ ହୋଇଥିବା ବେହେରା ତାଙ୍କ ଅନୁଭୂତି ଛାତ୍ରୀଛାତ୍ରଙ୍କୁ ଶୁଣାଇଥିଲେ। ପାଠ ପଢିବା ପାଇଁ ଏକାଗ୍ରତା, ଦୃଢ଼ ମନୋବଳ ଏବଂ ସଂକଳ୍ପ ନେଲେ ନିଶ୍ଚୟ ସବୁ କ୍ଷେତ୍ରରେ ସଫଳତା ପାଇପାରିବ ବୋଲି କହିଥିଲେ। ଏହି ଅବସରରେ ଦୁଇଜଣ ଛାତ୍ରୀ ନେହୁରଙ୍କ ଜୀବନୀ ଉପରେ ବକ୍ତୃତା ଦେଇଥିଲେ। ଶିକ୍ଷକ ପଞ୍ଚାନନ ନାହାକ, ପ୍ରମୋଦ ପ୍ରହରାଜ, ରମେଶ ରଣା, ଅକ୍ଷୟ ମହାଲିକ, ଦେବେନ୍ଦ୍ର ନାହାକ, ପଦ୍ମନାଭ ନାହାକ, ଅରୁଣ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୋଇତ ବନ୍ଦାଣ ଉତ୍ସବ

ଛତ୍ରପୁର,୧୫।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ପାଢ଼ୀ):

ଛତ୍ରପୁର ତୈଳିକ ବୈଶ୍ୟ ସମାଜ ତରଫରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ସ୍ଥାନୀୟ ରାମାୟଣୋମ୍ଭା ମନ୍ଦିର ପ୍ରାଙ୍ଗଣରେ ପ୍ରଥମେ ଐତିହାସିକ ସୋଲ ନିର୍ମିତ ବୋଇତକୁ ପୂଜା କରିଥିଲେ। ପରେ ସ୍ଥାନୀୟ ଗୌରୀ ଶଙ୍କର ମନ୍ଦିର ନିକଟ ଲାଇନ ସାହି ପୁଷ୍କରଣୀରେ ବୋଇତକୁ ଭସାଇଥିଲେ। କାର୍ଯ୍ୟକ୍ରମରେ ସମାଜର ସଭାପତି ରମେଶ ଚନ୍ଦ୍ର ସାହୁ ଉପସଭାପତି ଅଶୋକ କୁମାର ସାହୁ ସାଧାରଣ ସମ୍ପାଦକ ସୁଧିର କୁମାର ସାହୁ, ସହ ସମ୍ପାଦକ ସଦାନନ୍ଦ ସାହୁ, ବାବୁଲା ସାହୁ, ଉପଦେଷ୍ଟା ରୂପେ ମାଧବ ସାହୁ, ସୋମନାଥ ସାହୁ, ପ୍ରମୋଦ ସାହୁ ଶରତ ଚନ୍ଦ୍ର ସାହୁଙ୍କ ସମେତ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ଗୋଷ୍ଠୀ ସଂଘର୍ଷରେ ୧୦ ଆହତ

ବ୍ରହ୍ମପୁର,୧୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ): ଗତ ୨ ଦିନ ହେବ ଗେଟବଜାର ଜାଗିଲି ସାହି ନିକଟ ୨ଦଳିତ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି । ଉଭୟ ଗୋଷ୍ଠୀର ୫ ଜଣ ଲେଖାଏଁ ଆହତ ହୋଇଛନ୍ତି। ଉତ୍ତେଜନା ପରିସ୍ଥିତିକୁ ଦେଖି ପୋଲିସ ମୁତୟନ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଆକ୍ରମଣ ଓ ପ୍ରତିଆକ୍ରମଣ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ପୃଥକ ମାମଲା ରୁଜୁ କରିଛି। ଫୁଟବଲ ଖେଳକୁ ନେଇ ଜାଗିଲି ସାହି ନିକଟ ଜୟମଙ୍ଗଳା ସାହି ଓ ହୁମୋଗୋଡିଆ ସାହି ମଧ୍ୟରେ ଉଚ୍ଚବାଚ ଲାଗି ରହିଥିଲା । ୨ ଦିନ ତଳେ ଗୋଟିଏ ସାହିର କିଛି ଯୁବକଙ୍କୁ ଅନ୍ୟ ଏକ ସାହି କିଛି ଯୁବକ ଫୁଟବଲ ଖେଳରେ ଜିତିବା ଓ ହାରିବାକୁ ନେଇ କମେଣ୍ଟ ମାରିଥିଲେ । ଏହାପରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ । ସ୍ଥାନୀୟ କର୍ପୋରେଟର ହସ୍ତକ୍ଷେପ କରି ବୁଝାସୁଝା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡିଥିଲା। ହେଲେ ପୁଣିଥରେ ଗୁରୁବାର ରାତି ୯ଟା ବେଳେ ଜୟମଙ୍ଗଳା ସାହିର କିଛି ଯୁବକ ଭୋଜି ପାଇଁ ପନିପରିବା ନେଇ ଆସୁଥିବା ବେଳେ ହୁମଗାଡିଆ ସାହିର କିଛି ଯୁବକ ଛାତ ଉପରୁ ପଥର ଓ କାଚ ବୋତଲ ମାଡ କରିଥିଲେ। ଏଥିରେ ପରିବା ନେଇ ଆସୁଥିବା ଯୁବକମାନେ ଆହତ ହୋଇଥିଲେ । ଏହାପରେ ପୁଣି ଉଭୟ ସାହି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ସହ ହାତରେ ଖଣ୍ଡା, ପଥର ଓ କାଚ ବୋତଲ ଧରି ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ । ଖବରପାଇ ଟାଉନ ଥାନା, ଗୋସାଇଁନୂଆଗାଁ, ନିମଖଣ୍ଡି, ବଡବଜାର ଥାନା ଅଧିକାରୀଙ୍କ ସମେତ ୧ ପ୍ଲାଟୁନ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଫୁଟବଲ ଖେଳରୁ ଗଣ୍ଡଗୋଳ ହୋଇଥିବା ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

